# ଗୋ ଚାଲାଣ ରୋକିବା ପାଇଁ ପଦକ୍ଷେପ

**ଅଣତାରକା ପ୍ରଶ୍ନ ସଂଖ୍ୟା - ୨୦୮୭ - ଶ୍ରୀ ଅନନ୍ତ ନାରାୟଣ ଜେନା : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ଅନ୍ୟରାଜ୍ୟମାନଙ୍କୁ ଗୋ ଚାଲାଣ ରୋକିବା ପାଇଁ ସରକାର ଗୋରକ୍ଷକ ମାନଙ୍କୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ପରିଚୟ ପ୍ରଦାନ କରିଛନ୍ତି, ସେଥିପାଇଁ କିଛି ନିୟମାବଳୀ ପ୍ରଣୟନ କରାଯାଇଛି କି; ସମ୍ପୃକ୍ତ ଗୋରକ୍ଷକ ମାନେ ବିଗତ ୧ ବର୍ଷରେ କାମଧେନୁ ଯୋଜନାରେ ଆମରାଜ୍ୟକୁ ଗୋରୁ ଆଣି ଆସୁଥିବାବେଳେ ଗୋଚାଷୀମାନଙ୍କୁ କେଉଁ ଜିଲ୍ଲା / ସ୍ଥାନ ମାନଙ୍କରେ ଆକ୍ରମଣ / ମରଣାନ୍ତକ ଆକ୍ରମଣ କରିଛନ୍ତି ଏବଂ କେତେ ଜଣ ମୃତାହତ ହୋଇଛନ୍ତି ଏଭଳି ଆକ୍ରମଣରେ ସମ୍ପୃକ୍ତ କେତେଜଣ ଗୋରକ୍ଷକ ଗୋ ମଫିଆଙ୍କୁ ଗିରଫ କରଯାଇଛି ଏବଂ କି ଦଣ୍ଡବିଧାନ କରାଯାଇଛି ?**

**ଉତ୍ତର**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ** **ତା.୨୪.୦୯.୨୦୨୫**
**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଓଡ଼ିଶା**

ଅନ୍ୟ ରାଜ୍ୟ ମାନଙ୍କୁ ଗୋ ଚାଲାଣ ରୋକିବା ପାଇଁ ସରକାରଙ୍କ ତରଫରୁ କୌଣସି ଗୋରକ୍ଷକ ମାନଙ୍କୁ ସ୍ୱୀକୃତି ଓ ପରିଚୟ ପତ୍ର ପ୍ରଦାନ କରାଯାଇନାହିଁ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆମ ରାଜ୍ୟକୁ ଅନ୍ୟ ରାଜ୍ୟରୁ ଗୋରୁ ଆଣି ଆସୁଥିବାବେଳେ ଗୋ ଚାଷୀ ମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଆରକ୍ଷ ନିର୍ଦ୍ଦେଶକ ଓ ସମସ୍ତ ଜିଲ୍ଲାପାଳମାନଙ୍କୁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଅଛି । ଗୋରକ୍ଷକ ମାନେ ବିଗତ ୧ ବର୍ଷରେ କାମଧେନୁ ଯୋଜନାରେ ଆମ ରାଜ୍ୟକୁ ଗୋରୁ ଆଣି ଆସୁଥିବାବେଳେ ଗୋ ଚାଷୀ ମାନଙ୍କୁ ଆକ୍ରମଣ କରିଥିବା ଘଟଣା ଓ ଗୋରକ୍ଷକ/ ଗୋ ମାଫିଆ ଗିରଫ ହେବା ଓ ଦଣ୍ଡ ପାଇଥିବା ସମ୍ପର୍କିୟ ତଥ୍ୟ ଗୃହ ବିଭାଗରୁ ଉପଲବ୍ଧ ହେବା ପରେ ପରବର୍ତ୍ତି ସମୟରେ ଗୃହକୁ ଜଣାଇ ଦିଆଯିବ ।